# NATIONAL NEWS BULLETIN (ODIA)

**4 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ଦାଖଲ ଶେଷ ହେଉଛି ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅପରାହ୍ନରେ ପଶ୍ଚିମବଙ୍ଗର କୁଚବିହାର ଠାରେ ସାଧାରଣ ସଭାରେ ସମ୍ବୋଧନ କରିବେ ।

- ସରକାରୀ କର୍ମଚାରୀମାନେ ପୋଷ୍ଟାଲ ବାଲଟ୍ ଜରିଆରେ ଭୋଟ୍ ଦେଇପାରିବେ ବୋଲି ନିର୍ବାଚନ ଆୟୋଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ।

- ନାଟୋ ଆଜି ସାମୂହିକ ପ୍ରତିରକ୍ଷାର ୭୫ ବର୍ଷ ପାଳନ କରୁଛି ।

ଏବଂ

- ଆଇପିଏଲର୍ ଆଜିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ ।

# ଏଲ୍‌ଏସ୍ ଇଲେକ୍‌ସନ

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ଦାଖଲ ଶେଷ ହେଉଛି । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ସହ ମଣିପୁର ବାହାର ଲୋକସଭା ନିର୍ବାଚନ ମଣ୍ଡଳୀର ଅବଶିଷ୍ଟ ଭାଗରେ ନିର୍ବାଚନ ହେବ । ପ୍ରଥମ ପର୍ଯ୍ୟାୟରେ ମଣିପୁର ବାହାର ନିର୍ବାଚନ ମଣ୍ଡଳୀର ଗୋଟିଏ ଭାଗରେ ମତଦାନ ହେବ । ଦ୍ୱିତୀୟ ପର୍ଯ୍ୟାୟରେ କେରଳର ୨୦ଟି, କର୍ଣ୍ଣାଟକର ୧୪ଟି, ରାଜସ୍ଥାନର ୧୩ଟି, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଏଁ ଆସନ, ମଧ୍ୟପ୍ରଦେଶର ୭ଟି, ଆସାମ ଓ ବିହାରର ୫ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏଁ ଆସନ ଏବଂ ମଣିପୁର, ତ୍ରିପୁରା ଓ ଜମ୍ମୁ-କଶ୍ମୀରର ଗୋଟିଏ ଲେଖାଏଁ ଆସନରେ ମତଦାନ ହେବ । ଏହି ପର୍ଯ୍ୟାୟ ପାଇଁ ଏପ୍ରିଲ ୨୬ ତାରିଖରେ ମତଦାନ ହେବ । ଜମ୍ମୁ-କଶ୍ମୀର ବ୍ୟତୀତ ଏପ୍ରିଲ ୫ ତାରିଖରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ । ଜମ୍ମୁ-କଶ୍ମୀରରେ ଏପ୍ରିଲ ୬ ତାରିଖରେ ଏହି ଯାଞ୍ଚ ହେବ ।

ଆସାମରେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହେଉଛି । ଏହି ପର୍ଯ୍ୟାୟରେ ୫ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଆସାମ ପରିବହନ ଓ ଅବକାରୀ ମନ୍ତ୍ରୀ ପରିମଲ ଶୁକ୍ଲାବୈଦ୍ୟ, ସାଂସଦ କୃପାନାଥ ମଲ୍ଲା ଏବଂ ଦିଲ୍ଲୀପ ସାଇକିଆ ବିଜେପି ପକ୍ଷରୁ ନିର୍ବାଚନ ଲଢୁଛନ୍ତି । କଂଗ୍ରେସ ନଗାଓଁ ଆସନରୁ ସାଂସଦ ପ୍ରଦ୍ୟୁତ

ବୋର୍ଦୋଲୋଇଙ୍କୁ ପୁନର୍ବାର ପ୍ରାର୍ଥୀ କରିଥିବା ବେଳେ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ବିଧାୟକ ଦୁର୍ଗା ଦାସ ବୋରୋଙ୍କୁ ଟିକେଟ ଦେଇଛି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଏ.ଆଇ.ୟୁ.ଡି.ଏଫ୍, ଟି.ଏମ.ସି ମଧ୍ୟ ପ୍ରାର୍ଥୀ ଦେଇଛି ।

## ପିଏମ୍-ଡବ୍ଲ୍ୟୁବି ର୍‍ୟାଲୀ

ପ୍ରଧାନମନ୍ତ୍ରୀ ତଥା ବିଜେପି ନେତା ନରେନ୍ଦ୍ର ମୋଦି ଆଜି ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ପଶ୍ଚିମବଙ୍ଗର କୁଚବିହାରର ରାସଲୀଳା ମଇଦାନରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ । କୁଚବିହାର ସଂସଦୀୟ କ୍ଷେତ୍ରରୁ ବିଜେପି ନିସିଥ ପ୍ରାମାଣିକଙ୍କୁ ପ୍ରାର୍ଥୀ କରିଛି ।

ତୃଣମୂଳ କଂଗ୍ରେସ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ କୁଚବିହାରର ମଥାଭଙ୍ଗାଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ । ତୃଣମୂଳ କଂଗ୍ରେସ କୁଚବିହାର ଆସନରୁ ଜଗଦୀଶ ଚନ୍ଦ୍ର ବର୍ମା ବାସୁନିଆଙ୍କୁ ପ୍ରାର୍ଥୀ କରିଛି ।

## ହେମାମାଳିନୀ ମାଳିନୀ-ବିଜେପି କଂଗ୍ରେସ

ସାଂସଦ ହେମା ମାଳିନୀଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା କଂଗ୍ରେସ ନେତା ରଣଦୀପ ସୁରଜେୱାଲାଙ୍କୁ ବିଜେପି ସମାଲୋଚନା କରିଛି । ବିଜେପି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କଂଗ୍ରେସ ଦଳ ଦ୍ୱାରା ଭାରତୀୟ ରାଜନୀତିରେ ମହିଳାଙ୍କୁ ଅସମ୍ମାନ ଏବଂ ଅପମାନିତ କରିବା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ । ମହିଳାଙ୍କ ମର୍ଯ୍ୟାଦାକୁ ନେଇ କଂଗ୍ରେସ

ଦଳ ଦ୍ୱାରା ଏହା ଏକ ସୁଚିନ୍ତିତ ମାନସିକତା ବୋଲି ସେ ଅଭିଯୋଗ କରିଛନ୍ତି।

## ଅଗ୍ନି-ପ୍ରାଇମ୍

ଭଦ୍ରକ ଜିଲ୍ଲା ଧାମରାସ୍ଥିତ ଏ.ପି.ଜେ. ଅବଦୁଲ୍ କଲାମ ଦ୍ୱୀପର ୪ ନମ୍ବର ଲଞ୍ଚ୍ ପ୍ୟାଡ୍‌ରୁ ଗତକାଲି ସନ୍ଧ୍ୟାରେ ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ରର ବ୍ୟାବହାରିକ ପରୀକ୍ଷଣ ସଫଳ ହୋଇଛି। ଭାରତୀୟ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନ ପକ୍ଷରୁ ଅଗ୍ନି-୪ ଏବଂ ଅଗ୍ନି-୫ର ଜ୍ଞାନକୌଶଳକୁ ନେଇ ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ର ନିର୍ମିତ ହୋଇଛି । ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ ଦୂରତା ୧ ହଜାରରୁ ୨ ହଜାର କିଲୋମିଟର ମଧ୍ୟରେ ସୀମିତ । ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯିବାକୁ ଥିବା ଏହି କ୍ଷେପଣାସ୍ତ୍ର ୧ ହଜାର କିଲୋଗ୍ରାମ୍‌ର ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିବା ସହ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି । ଅଗ୍ନି-ପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆର୍‌ଡିଓ, ଏସ୍‌ଏଫ୍‌ସି ଏବଂ ସଶସ୍ତ୍ର ବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି । ଏହି କ୍ଷେପଣାସ୍ତ୍ର ସେନା ବାହିନୀ ପାଇଁ ଉତ୍ତମ ସାହାଯ୍ୟକାରୀ ହୋଇପାରିବ ବୋଲି ସେ କହିଛନ୍ତି।

## ଆସାମ-ସିଇଓ

ଆସାମର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଅନୁରାଗ ଗୋଏଲ କହିଛନ୍ତି, ଆଗାମୀ ଲୋକସଭା ନିର୍ବାଚନକୁ ସ୍ୱଚ୍ଛ ଏବଂ ନିରପେକ୍ଷ ଭାବରେ ପରିଚାଳନା କରିବା ପାଇଁ ରାଜ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ।

ଆକାଶବାଣୀ ଗୁଆହାଟୀର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶ୍ରୀ ଗୋଏଲ କହିଛନ୍ତି, ସମଗ୍ର ରାଜ୍ୟରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳର ୬୦ କମ୍ପାନୀ ମୁତୟନ କରାଯାଇଛି। ଆବଶ୍ୟକସ୍ଥଳେ ଉପଯୁକ୍ତ ସମୟରେ ଅତିରିକ୍ତ ଫୋର୍ସ ମୁତୟନ କରାଯିବ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ୨୦ ହଜାର ଗାଡ଼ି ବ୍ୟତୀତ ଇଭିଏମ୍ ବହନ କରୁଥିବା ଗାଡ଼ିରେ ଜିପିଏସ୍ ଲଗାଯିବ ବୋଲି ସେ ସୂଚନା ଦେଇଛନ୍ତି।

ନିର୍ବାଚନକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ସମସ୍ତ ସମ୍ବେଦନଶୀଳ ମତଦାନ କେନ୍ଦ୍ରର ୱେବକାଷ୍ଟିଂ ଏବଂ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରିବାର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଗୋଏଲ କହିଛନ୍ତି। ରାଜ୍ୟରେ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ **'ଏରୋନେଟ୍'** ସଫ୍ଟୱେର ବ୍ୟବହୃତ କରାଯାଇଛି। ସେହିପରି ନିର୍ବାଚନ ଆୟୋଗ ଆଦର୍ଶ ଆଚରଣ ଅଭିଯୋଗର ରିପୋର୍ଟ ଦେବା ପାଇଁ ସି-ଭିଜିଲ୍ ଆପ୍ ଆରମ୍ଭ କରାଯାଇଛି। ନିର୍ବାଚନ ଆୟୋଗ' ଅଭିଯୋଗ ପାଇବାର ୧୦୦ ମିନିଟ୍ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବେ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ଗୋଏଲ କହିଛନ୍ତି। ସେ ଆହୁରି କହିଛନ୍ତି, ତୃତୀୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ଥିବା ଭୋଟରମାନେ ନାମାଙ୍କନ ସମୟ ସୀମାର ୧୦ ଦିନ ପୂର୍ବରୁ ମଧ୍ୟ ମତଦାନ କେନ୍ଦ୍ର ପରିବର୍ତ୍ତନ କରିପାରିବେ ଏବଂ କୌଣସି ତ୍ରୁଟି ସଂଶୋଧନ କରିପାରିବେ।

## ଇସିଆଇ- ଫେକ୍ ମେସେଜ

ସରକାରୀ କର୍ମଚାରୀମାନେ ପୋଷ୍ଟାଲ ବାଲଟ୍ ଜରିଆରେ ଭୋଟ୍ ଦେଇପାରିବେ ନାହିଁ ବୋଲି ଗଣମାଧ୍ୟମର ହ୍ୱାଟସପ୍ ଆପ୍‌ରେ ପ୍ରସାରିତ

ହେଉଥିବା ବାର୍ତ୍ତା ମିଥ୍ୟା ବୋଲି ନିର୍ବାଚନ ଆୟୋଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏଭଳି ବିଭ୍ରାନ୍ତିକର ଏବଂ ମିଥ୍ୟା ମେସେଜ ପ୍ରତି ଧ୍ୟାନ ନଦେବାକୁ ଆୟୋଗ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ନିର୍ବାଚନ କମିଶନ ପକ୍ଷରୁ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ କୁହାଯାଇଛି, ନିର୍ବାଚନ ପରିଚାଳନା କାର୍ଯ୍ୟରେ ଥିବା ଯୋଗ୍ୟ ଅଧିକାରୀମାନେ ନିର୍ଦ୍ଧାରିତ ଭୋଟର ସୁବିଧା କେନ୍ଦ୍ରରେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ ଦେଇପାରିବେ। ଜନସାଧାରଣ ନିର୍ବାଚନ ସଂକ୍ରାନ୍ତ ସଠିକ୍ ସୂଚନା ନିମନ୍ତେ ଆୟୋଗର ଅଫିସିଆଲ ୱେବସାଇଟ ଅନୁଧ୍ୟାନ କରିବା ଜରୁରୀ ବୋଲି କୁହାଯାଇଛି।

## ସୋନିଆ ଗାନ୍ଧୀ- ଆର୍‌ଏସ୍ ଓଥ୍

ବରିଷ୍ଠ କଂଗ୍ରେସ ନେତା ସୋନିଆ ଗାନ୍ଧୀ ଆଜି ରାଜ୍ୟସଭା ସାଂସଦଭାବେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଶ୍ରୀମତୀ ଗାନ୍ଧୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେ ରାଜସ୍ଥାନରୁ ନିର୍ବାଚିତ ହୋଇଛନ୍ତି।

## କଂଗ୍ରେସ- ଗୌରବ ବଲ୍ଲଭ

କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ ଆଜି ଦଳର ସମସ୍ତ ପଦରୁ ଇସ୍ତଫା ଦେଇଛନ୍ତି। ଦଳର ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଲେଖିଥିବା ଇସ୍ତଫା ପତ୍ରରେ ଶ୍ରୀ ବଲ୍ଲଭ କହିଛନ୍ତି, ଆଜି କଂଗ୍ରେସ ଦଳ ଯେଉଁ ଲକ୍ଷ୍ୟହୀନ ଭାବରେ ଗତି କରୁଛି ସେଥିରେ ସେ ସହଜ ଅନୁଭବ କରୁନାହାନ୍ତି।

# ନାଟୋ-୭୫ ଇୟର୍ସ

ନାଟୋ ଆଜି ସମଗ୍ର ୟୁରୋପ ଏବଂ ଉତ୍ତର ଆମେରିକାରେ ସାମୂହିକ ପ୍ରତିରକ୍ଷାର ୭୫ ବର୍ଷ ପାଳନ କରୁଛି । ୧୯୪୯ ମସିହା ଏପ୍ରିଲ ୪ ତାରିଖରେ ୱାଶିଂଟନରେ ମେଣ୍ଟର ପ୍ରତିଷ୍ଠା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏବଂ ତାଙ୍କ ସମକକ୍ଷମାନେ ବ୍ରସେଲ୍ସରେ ଏକ କେକ୍ କାଟିବା ସମାରୋହରେ ଯୋଗଦେବେ। ୱାଶିଂଟନଠାରେ ଜୁଲାଇ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ନାଟୋ ନେତାମାନଙ୍କ ଏକ ବୈଠକ ଅନୁଷ୍ଠିତ ହେବ। ୭ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ମେଣ୍ଟ ସଦସ୍ୟଙ୍କ ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇଛି।

ବାର୍ଷିକୀ ଅବସରରେ ନାଟୋ ମହାସଚିବ ଜେନ୍ସ ଷ୍ଟୋଲଟେନବର୍ଗ କହିଛନ୍ତି, ନାଟୋ ଏକକ, ଦୃଢ଼ ପ୍ରତିଶ୍ରୁତି ଉପରେ ପ୍ରତିଷ୍ଠିତ। ଗୋଟିଏ ସହଯୋଗୀ ରାଷ୍ଟ୍ର ଉପରେ ଆକ୍ରମଣ ହେଲେ ଏହା ସମସ୍ତଙ୍କ ଉପରେ ଆକ୍ରମଣ ବୋଲି ବିବେଚନା କରାଯାଏ।

# ସିବିଆଇ-ଗୋଲ୍ଡ ସ୍ମଗଲର୍

ସାଉଦି ଆରବରୁ ଏନଆଇଏ ୱାଣ୍ଟେଡ୍ ଶୋକତ ଅଲ୍ଲୀଙ୍କୁ ଫେରାଇ ଆଣିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କାର୍ଯ୍ୟ ଜାରି ରଖିଛି। ସାଉଦି ଆରବରୁ ଜୟପୁରକୁ ୧୮ କିଲୋଗ୍ରାମରୁ ଅଧିକ ସୁନା ଚୋରା ଚାଲାଣ ମାମଲାରେ ଏନ.ଆଇ.ଏ ଯେଉଁ ୧୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସେମାନଙ୍କ ମଧ୍ୟରେ ଅଲ୍ଲୀ ରହିଛି। ଶୋକତ

ଅଲ୍ଲୀଙ୍କୁ ଫେରାଇ ଆଣିବା ପାଇଁ ସିବିଆଇ ସାଉଦି ଆରବର ନ୍ୟାସନାଲ ସେଣ୍ଟର ବ୍ୟୁରୋ-ରିୟାଦ ସହ ଇଣ୍ଟରପୋଲ ଚ୍ୟାନେଲ ଜରିଆରେ ସମନ୍ୱୟ ରକ୍ଷା କରିଥିଲା।

## ମେଟ-ଲୁ

ଆଜି ଠାରୁ ୫ ଦିନ ପର୍ଯ୍ୟନ୍ତ ପୂର୍ବ ଓ ଉପଦ୍ୱୀପ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉତ୍ତର କର୍ଣ୍ଣାଟକ, ଓଡ଼ିଶା, ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତେଲେଙ୍ଗାନା ଓ ଉପକୂଳ ଆନ୍ଧ୍ରପ୍ରଦେଶରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପୂର୍ବ ଭାଗରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରବିବାର ପର୍ଯ୍ୟନ୍ତ ଉତ୍ତର-ପୂର୍ବାଞ୍ଚଳରେ ପ୍ରବଳ ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଅରୁଣାଚଳ ପ୍ରଦେଶରେ ପ୍ରବଳ ବର୍ଷା ଓ ତୁଷାରପାତ ହେବାର ସମ୍ଭାବନା ରହିଛି।

## ଆଇପିଏଲ୍

ଆଇପିଏଲର୍ ମ୍ୟାଚ୍‌ରେ ଆଜିର ଗୁଜରାଟ ଟାଇଟନ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଆଜି ସନ୍ଧ୍ୟା ସାଢ଼େ ୭ଟାରୁ ଏହି ମ୍ୟାଚ୍ ଆରମ୍ଭ ହେବ।

ଆଇପିଏଲ୍ କ୍ରିକେଟରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସ ୧୦୬ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ

କରିଥିଲା। କୋଲକାତା ନାଇଟ୍ ରାଇଡର୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ହରାଇ ୨୭୨ ରନ୍ କରିଥିବା ବେଳେ ଏହାର ଜବାବରେ ଦିଲ୍ଲୀ ୧୭ ଦଶମିକ ୨ ଓଭରରେ ୧୬୬ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। କୋଲକାତା ପକ୍ଷରୁ ସୁନୀଲ ନାରାୟଣ ୮୫ ଓ ଅଙ୍ଗକ୍ରୀଶ୍ ରଘୁବଂଶୀ ୫୪ ରନ୍ ସ୍କୋର କରିଥିଲେ। କୋଲକାତା ପକ୍ଷରୁ ବୈଭବ ଅରୋରା ଓ ବରୁଣ ଚକ୍ରବର୍ତ୍ତୀ ୩ଟି ଲେଖାଏଁ ଓ ମିଚେଲ ଷ୍ଟାର୍କ ୨ଟି ଓ୍ୱିକେଟ୍ ନେଇଥିଲେ।